## ସଂକ୍ଷେପରେ

### ସାହାଣୀ କପ୍ ଫୁଟବଲ ଖେଳାଳି ଚୟନ ପ୍ରକ୍ରିୟା ଆରମ୍ଭ

**ଢେଙ୍କାନାଳ ଅଫିସ, ୨୯।୧:** ଆସନ୍ତା ଫେବୃୟାରୀ ୬ରୁ ଆରମ୍ଭ ହେଉଛି ଆନ୍ତଃଜିଲା ସାହାଣୀ କପ୍ ଫୁଟବଲ ପ୍ରତିଯୋଗିତା। ଏଥିଲାଗି ଖେଳାଳି ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଶାୟୀ ପ୍ରତିଯୋଗୀମାନେ ୧ ତାରିଖ ସୁଦ୍ଧା ଜିଲା କ୍ରୀଡ଼ା ସଂଘ କାର୍ଯ୍ୟାଳୟରେ ନାମ ପଞ୍ଜୀକରଣ କରିପାରିବେ। ଏଥିଲାଗି ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ଯାଏ ସମୟ ଧାର୍ଯ୍ୟ କରାଯାଇଛି। ପଞ୍ଜୀକୃତ ଖେଳାଳି ସଂଖ୍ୟାକୁ ନଜରରେ ରଖି ଚୟନ ତାରିଖ ଚୂଡ଼ାନ୍ତ କରାଯିବ ବୋଲି ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ ସୂଚନା ଦେଇଛନ୍ତି।

### ୨ ପଥର ବୋଝେଇ ଟ୍ରାକ୍ଟର ଜବତ



**ଢେଙ୍କାନାଳ ଅଫିସ, ୨୯।୧:** ଢେଙ୍କାନାଳ ସଦର ଥାନା ଭାଲିଆବୋଲକାଟେଣୀ ଓ ମାଣିପୁର ନିକଟରୁ ୨ ଚୋରା ପଥର ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ତହସିଲଦାର ଲକ୍ଷ୍ମୀଧର ରାଉତ, ଆର୍‌ଆଇ ବରୁଣ ଜେନା ପ୍ରମୁଖ ଭାଲିଆବୋଲକାଟେଣୀରେ ଚଢ଼ାଉ କରି ଏକ ଟ୍ରାକ୍ଟର ଧରିଥିଲେ। ଗାଡ଼ି ମାଲିକଙ୍କ ନିକଟରୁ ୨୭,୫୪୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଅନୁରୂପ ଭାବେ ମାଣିପୁରରେ ଅତିରିକ୍ତ ତହସିଲଦାର ଅନୁପମା ମୁର୍ମୁ, ଆର୍‌ଆଇ ପୁଷ୍ପିତା ମଧୁମତୀ ଦେହୁରୀ ଚଢ଼ାଉ କରି ଅନ୍ୟ ଏକ ପଥର ବୋଝେଇ ଟ୍ରାକ୍ଟର ଜବତ କରିଥିଲେ। ଉକ୍ତ ଗାଡ଼ିରୁ ୧୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

### ସ୍ଥାୟୀ ନିଯୁକ୍ତି ଦାବିରେ ଅନଶନ



**ପରଜଙ୍ଗ, ୨୯।୧(ଡି.ଏନ.ଏ.):** ପରଜଙ୍ଗ ବ୍ଲକ ସରାଙ୍ଗସ୍ଥିତ ଆଇଜିଆଇଟି କଲେଜ ଡାଇରେକ୍ଟରଙ୍କ କାର୍ଯ୍ୟାଳୟ ଆଗରେ ସ୍ଥାୟୀ ନିଯୁକ୍ତି ଏବଂ ଦରମା ବୃଦ୍ଧି ଦାବିରେ ୮ ଅସ୍ଥାୟୀ କର୍ମଚାରୀ ବୁଧବାରଠାରୁ ଅନଶନରେ ବସିଛନ୍ତି। ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ କର୍ମଚାରୀମାନେ ୨୦୦୮ ଅଗଷ୍ଟ ୧୯ରୁ କଲେଜରେ କାର୍ଯ୍ୟ କରି ଆସୁଛନ୍ତି। ସେମାନଙ୍କ ଦରମା ୪୭୦୦ ଟଙ୍କାରେ ସୀମିତ ରହିଛି। ସ୍ୱଳ୍ପ ଦରମାରେ ଗୁଜୁରାଣ ମେଣ୍ଟାଇବା କଷ୍ଟକର ହୋଇପଡୁଛି। ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ କଲେଜ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କୌଣସି ନିଷ୍ପତ୍ତି ହୋଇପାରୁନାହିଁ। ଏହାର ସମାଧାନ କରିବାକୁ ସେମାନେ ଦାବି କରିଛନ୍ତି।

### ମଣ୍ଡାଆନ୍ଧ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ



**ବଇଣ୍ଡା,୨୯।୧(ଡି.ଏନ.ଏ.):** କିଶୋରନଗର ବ୍ଲକ ମଣ୍ଡାଆନ୍ଧ ଗ୍ରାମରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ ଆଡ଼ିକଟା କ୍ଲବକୁ ହରାଇ ଉରୁକୁଲା କ୍ଲବ ଚାମ୍ପିୟନ ହୋଇଛି। ପ୍ରଥମେ ଆଡ଼ିକଟା ବ୍ୟାଟିଂ କରି ୫୩ ରନ୍ କରିଥିଲା। ଜବାବରେ ଉରୁକୁଲା ୫୪ ରନ କରି ଚାମ୍ପିୟନ ହୋଇଥିଲା। ବିଜୟୀ ଦଳର ଲିଟୁ ପ୍ରଧାନ ମ୍ୟାନ ଅଫ ଦି ମ୍ୟାଚ୍ ଓ ଟୁନା ସାହୁ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଲିପୁନ ସାହୁ, ଅରୁଣ ଦୀପ ଖେଳ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ପରେଷ୍ଟର ଦୀପ୍ତିରଞ୍ଜନ ବିଶ୍ୱାଳ ଯୋଗଦେଇ ଉଭୟ ଦଳଙ୍କୁ ପୁରସ୍କୃତ କରିଥିଲେ।

# ରୁଙ୍ଗ୍‌ଟା କମ୍ପାନୀରେ ପଶିଲା ଦନ୍ତା

- ଛତ୍ରଭଙ୍ଗ ଦେଲେ ଶ୍ରମିକ, କର୍ମଚାରୀ
- ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ଆତଙ୍କ
- ଗାଲପଡ଼ାରେ ଘର ଭାଙ୍ଗିଲେ ହାତୀପଲ

**ଢେଙ୍କାନାଳ ଅଫିସ/ହିନ୍ଦୋଳ (ଡି.ଏନ.ଏ.), ୨୯।୧**

ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ ଝାଡ଼ବନ୍ଧ ଅଞ୍ଚଳରେ ଥିବା ରୁଙ୍ଗ୍‌ଟା ମାଇନ୍ସ କମ୍ପାନୀ ପରିସରରେ ଦନ୍ତା ଆତଙ୍କ ଦେଖାଦେଇଛି। ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୯ଟା ବେଳେ ଉକ୍ତ ଗୋଠଛଡ଼ା ଦନ୍ତା କମ୍ପାନୀ ପରିସରକୁ ପଶି ଆସି ଉପଦ୍ରବ କରିଥିଲା। ସେଠାରେ କାର୍ଯ୍ୟରତ କର୍ମଚାରୀ ଏବଂ ଶ୍ରମିକମାନେ ପ୍ରାଣ ବିକଳରେ ଛତ୍ରଭଙ୍ଗ ଦେଇଥିଲେ। ସୂଚନା ପାଇ ରେଞ୍ଜର ଲୋହିତ ରଥଙ୍କ ନେତୃତ୍ୱରେ ବନ କର୍ମଚାରୀ ପହଞ୍ଚି ହାତୀଟିକୁ ବହୁ କଷ୍ଟରେ ଘଉଡ଼ାଇଥିଲେ। ଗୁରୁବାରଠାରୁ ଏକ ହାତୀପଲ ମେରାମଣ୍ଡଳୀରୁ ଝାଡ଼ବନ୍ଧ ଆଡ଼କୁ ଚାଲି ଆସିଛନ୍ତି। ସେମାନଙ୍କ ମଧ୍ୟରୁ ଏକ ଦନ୍ତା ଦଳରୁ ଅଲଗା ହୋଇ କମ୍ପାନୀ ଭିତରକୁ ପଶି ଆସିଥିବା ରେଞ୍ଜର ସୂଚନା ଦେଇଛନ୍ତି।

ଅନ୍ୟପଟେ ଗାଲପଡ଼ା ଗ୍ରାମରେ ହାତୀ ଉପଦ୍ରବ ଦେଖାଦେଇଛି। ଏକ ପଲରେ ୪ରୁ ଊର୍ଦ୍ଧ୍ୱ ହାତୀ ଜନବସତିରେ ପଶି ଉଚ୍ଛବ ବେହେରାଙ୍କ ଘର ଭାଙ୍ଗି ଦେଇଛନ୍ତି। ଝାଡ଼ବନ୍ଧ ଗ୍ରାମର ଅନଙ୍ଗ ମହାପାତ୍ରଙ୍କ ଘରୁ ୫ ଧାନବସ୍ତା ବୋହି ନେଇଛନ୍ତି। ଏହାକୁ ନେଇ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି। ଗ୍ରାମବାସୀଙ୍କ କହିବା କଥା, ରୁଙ୍ଗ୍‌ଟା କମ୍ପାନୀର ପାଚେରି ନିର୍ମାଣ ପରେ ହାତୀ ଚଲାପଥ ବନ୍ଦ ହୋଇଯାଇଛି। ହାତୀପଲ ରାସ୍ତା ନ ପାଇ ଗାଁ ମୁହାଁ ହେଉଛନ୍ତି। ଘରଦ୍ୱାରା ଭାଙ୍ଗିବା ସହ ବାଡ଼ିବଗିଚାରେ ପଶି ଫସଲ ନଷ୍ଟ କରୁଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ସୂଚନାଯୋଗ୍ୟ, ରୁଙ୍ଗ୍‌ଟା କମ୍ପାନୀ ପକ୍ଷରୁ ତର୍କାବେଢ଼ା ଗ୍ରାମବାସୀଙ୍କୁ ରାସ୍ତାର ବିକଳ୍ପ ଦିଆଯାଇଛି, ଯାହାକୁ ବିରୋଧ କରୁଛନ୍ତି ଗ୍ରାମବାସୀ। ଏହାର ପ୍ରତିବାଦରେ ଆରମ୍ଭ ହୋଇଥିବା ଧାରଣା ୨୬ଦିନରେ ପହଞ୍ଚିଛି। ଲୋକଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମର ସବୁଦିନିଆ ରାସ୍ତାକୁ କମ୍ପାନୀ ନିଜ ଆୟତ୍ତକୁ ନେବାକୁ ଉଦ୍ୟମ କରୁଛି। ପ୍ରସ୍ତାବିତ ରାସ୍ତା ଆଖପାଖ ଅଞ୍ଚଳରେ ହାତୀପଲ ଚଳପ୍ରଚଳ କରୁଛନ୍ତି। ଉକ୍ତ ରାସ୍ତାରେ ଲୋକଙ୍କ ଗମନାଗମନ ସୁରକ୍ଷିତ ହେବନାହିଁ। କମ୍ପାନୀର ମନମୁଖି କାର୍ଯ୍ୟ ପାଇଁ ହାତୀ-ମଣିଷ ଲଢ଼େଇ ତୀବ୍ରତର ହୋଇଛି। ଜନବସତିକୁ ହାତୀ ପଶିଲେଣି। ଏହା ଆଗକୁ ଆହୁରି ଭୟଙ୍କର ରୂପ ନେବ। ସମସ୍ୟା ବଢ଼ିବା ପୂର୍ବରୁ ଏହାକୁ ରୋକିବାକୁ ଗ୍ରାମବାସୀ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।



ରୁଙ୍ଗ୍‌ଟା କମ୍ପାନୀ ପରିସରରେ ହାତୀ।

# ରସାୟନ ବିଜ୍ଞାନର ମହତ୍ତ୍ୱ ଉପରେ ଆଲୋଚନା

**ଭୁବନ, ୨୯।୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ଦ୍ୱାରା ଶୁକ୍ରବାର ଅନ୍ତର୍ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଗୁଗଲ ମିଟ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୨୬୦ଛାତ୍ରୀଛାତ୍ର, ଗବେଷକ, ଅଧ୍ୟାପକ, ପ୍ରାଧ୍ୟାପକ ଅଂଶଗ୍ରହଣ କରିଥିଲେ।

ରସାୟନ ବିଜ୍ଞାନରେ ପରୀକ୍ଷାନିରୀକ୍ଷା ଅନେକ ଅସମାହିତ ରହସ୍ୟକୁ ଉନ୍ମୋଚନ କରିଛି। ଏବେ ବି ଆହୁରି ଅନେକ କିଛି ବାକି ରହିଯାଇଛି। ଏହି ବିଷୟରେ ଅଧିକ ଗବେଷଣା ନୂଆ ଦିଗନ୍ତ ସୃଷ୍ଟି କରିବ ବୋଲି ଅଧ୍ୟକ୍ଷ ପ୍ରଫେସର ଡ. କିଶୋର ଚନ୍ଦ୍ର ଦାସ କହିଥିଲେ। ବୀର ସୁରେନ୍ଦ୍ର ସାଏ ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ପ୍ରଫେସର ଶରତ ସ୍ୱାଇଁ, ଦକ୍ଷିଣ କୋରିଆ ପୁସାନ୍ ଜାତୀୟ ବିଶ୍ୱବିଦ୍ୟାଳୟର ଡ. ତାପସ ରଞ୍ଜନ ପ୍ରଧାନ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଆଶିଷ ଜେନା ପ୍ରମୁଖ ଆଲୋଚନାରେ ଭାଗନେଇ ସବୁଜ ରସାୟନ ଏବଂ ପ୍ରାକୃତିକ ଉତ୍ପାଦ ଉପରେ ଆଲୋଚନା କରିଥିଲେ। ସଂଯୋଜକ ପ୍ରଫୁଲ୍ଲ ଭୂୟାଁ ୱେବିନାରର ଆବଶ୍ୟକତା ଉପରେ ମତ ରଖିଥିଲେ। ବିଭାଗୀୟ ମୁଖ୍ୟ ଡ. ସତ୍ୟନାରାୟଣ ଦାସ, ଅଧ୍ୟାପକ ଜୀବନ ରଞ୍ଜନ ସାହୁ, ସୁରେନ୍ଦ୍ର ସାହୁ, ଲକ୍ଷ୍ମୀଧର ପୃଷ୍ଟି, ପ୍ରମୋଦ ଥାଟୋଇ, ମୁଖ୍ୟ କିରାଣି କୈଳାସ ଚନ୍ଦ୍ର ବେହେରା, ଉତ୍ତମ ନନ୍ଦୀ, ଶେଷଦେବ ନନ୍ଦୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସଞ୍ଜୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ।



ୱେବିନାରରେ ଅତିଥିଙ୍କ ସମେତ ଛାତ୍ରୀଛାତ୍ରମାନେ।

# ରାମେଶ୍ୱର ସ୍ପୋର୍ଟିଂ ଫାଇନାଲରେ

**ସୁବାସ ମେମୋରିଆଲ କ୍ରିକେଟ**

**ଢେଙ୍କାନାଳ ଅଫିସ, ୨୯।୧**

ଢେଙ୍କାନାଳ ଜିଲା ବେଡ଼ାପଡ଼ାସ୍ଥିତ ମା' ଅନ୍ଧାରୀ କ୍ରିକେଟ କ୍ଲବ ପଡ଼ିଆରେ ଚାଲିଥିବା ୧୧ତମ ସୁବାସ ମେମୋରିଆଲ କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ କଟକ ୟୁନିୟନ ସ୍ପୋର୍ଟିଂକୁ ୧୩୭ ରନ୍‌ରେ ହରାଇ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ରାମେଶ୍ୱର ସ୍ପୋର୍ଟିଂ ନିର୍ଦ୍ଧାରିତ ୨୫ ଓଭରରେ ୬ ଉଇକେଟ ହରାଇ ୨୩୮ ରନ୍ ସଂଗ୍ରହ କରିଥିଲା। ଜବାବରେ ୟୁନିୟନ ସ୍ପୋର୍ଟିଂ ୧୪ ଓଭରରେ ୧୦୧ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ୪ ଓଭରରେ ୨୮ ରନ୍ ଦେଇ ୪ ଉଇକେଟ ନେଇଥିବା ବିଜୟୀ ଦଳର ବିଶ୍ୱଜିତ ମଲ୍ଲିକଙ୍କୁ 'ମ୍ୟାନ୍ ଅଫ୍ ଦି ମ୍ୟାଚ' ଘୋଷଣା କରାଯାଇଥିଲା। ପ୍ରଶାନ୍ତ ଦାସ, ଅଜିତ ସାମଲ ମ୍ୟାଚ ପରିଚାଳନା କରିଥିଲେ। ଉଲ୍ଲାସ ସାମଲ, ହଟକିଶୋର ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଫାଇନାଲ ମ୍ୟାଚ୍ କଟକ ରାଇଜିଂ ଷ୍ଟୁଡେଣ୍ଟ ଏବଂ ରାମେଶ୍ୱର ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାପଡ଼ିଛି।



ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

# ଭାରତୀୟ ଖବରକାଗଜ ଦିବସ ପାଳିତ

**ଢେଙ୍କାନାଳ ଅଫିସ, ୨୯।୧**

ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନ ପରିସରରେ ଶୁକ୍ରବାର ଭାରତୀୟ ଖବରକାଗଜ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ୨୦୨୦-୨୧ ଶିକ୍ଷାବର୍ଷର ପ୍ରଥମ ଲାବ ଜର୍ନାଲକୁ ଉନ୍ମୋଚନ କରି ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ କହିଲେ, ୧୭୮୦ ଜାନୁୟାରୀ ୨୯ରେ ହିକିସ୍ ବେଙ୍ଗଲ ଗେଜେଟ୍ ନାମରେ ଦେଶରେ ପ୍ରଥମ ଖବରକାଗଜ ପ୍ରକାଶିତ ହୋଇଥିଲା। ଖବରକାଗଜ ପ୍ରକୃତରେ କ'ଣ କରିବା ଉଚିତ ଏବଂ କ'ଣ କରିବା ଅନୁଚିତ ସେ ସମ୍ପର୍କରେ ପ୍ରଥମ ସଂସ୍କରଣରେ ବିସ୍ତୃତ ଭାବେ ଦର୍ଶାଯାଇଥିଲା। ଖବରକାଗଜର ଧର୍ମ ହେଉଛି ସମସ୍ତଙ୍କ କଥା ଶୁଣିବା ଏବଂ କାହା ପାଖରେ ମୁଣ୍ଡ ନୁଆଁଇବା ନାହିଁ। ଏହାକୁ ପ୍ରୟୋଗ କରିବା ଦିଗରେ ଗଣମାଧ୍ୟମ ଅଧିକ ଚେଷ୍ଟା କରିବା ଉଚିତ ବୋଲି ସେ କହିଥିଲେ। ଗୁଗୁଲ ମିଟ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପକ ଓ କର୍ମଚାରୀ ଯୋଗଦେଇଥିଲେ।

# ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ି ସକ୍ରିୟ ଭୂମିକା ନିଅନ୍ତୁ



**କଣିହାଁ,୨୯।୧(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁସ୍ଥିତ ଏନ୍‌ଟିପିସିରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମଖ୍ୟଅତିଥି ଭାବେ ମୁଖ୍ୟ ମହାପ୍ରବନ୍ଧକ ସୁଦୀପ ନାଗ ଯୋଗଦେଇ ଷ୍ଟାଡିୟମରେ ପତାକା ଉତ୍ତୋଳନ କରିଥିଲେ। ସିଆଇଏସ୍‌ଏଫ୍ ଓ ଫାୟାର ୱିଙ୍ଗ କର୍ମଚାରୀମାନେ ପରେଡ୍ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ନାଗ୍ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଅବଦାନକୁ ମନେ ପକାଇବା ସହ ସେମାନଙ୍କ ବଳିଦାନକୁ ସମ୍ମାନ ଜଣାଇବା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହ ରାଷ୍ଟ୍ରନିର୍ମାଣରେ ଯୁବପିଢ଼ି ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଆଗେଇ ଆସନ୍ତୁ ବୋଲି ମୁଖ୍ୟ ମହାପ୍ରବନ୍ଧକ ନାଗ ପରାମର୍ଶ ଦେଇଥିଲେ। ଏହି ଅବସରରେ ୭୦ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଜିଲା ସାମ୍ବାଦିକ ସଂଘର ସାଧାରଣ ବୈଠକ

**ଢେଙ୍କାନାଳ ଅଫିସ, ୨୯।୧**

ଢେଙ୍କାନାଳ ଜିଲା ସାମ୍ବାଦିକ ସଂଘର ସାଧାରଣ ବୈଠକ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରସନ୍ନ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ସଂଘର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ପ୍ରଦ୍ୟୁମ୍ନ ରଥ, ହିମାଂଶୁ ମହାପାତ୍ର, ଶଶିମୌଳି ରଥ, ପ୍ରଦୀପ ଦାଶ, ପୂର୍ଣ୍ଣଚନ୍ଦ୍ର ସାହୁ, ବିମଳ ଅଧ୍ୟ, ସୁବଳ ସାହୁ, ଇମ୍ତିଆଜ ହୁସେନ, ପ୍ରଦୀପ ସେନାପତି, ଅମିୟ ଚାନ୍ଦ, ରାଜଶ୍ରୀ ଶତପଥୀ, ସଞ୍ଜୟ ନାୟକ ପ୍ରମୁଖ ଏକତା ବଜାୟ ରଖିବା ସମ୍ପର୍କରେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ଏଣିକି ପ୍ରତିବର୍ଷ ବିଧିବଦ୍ଧ ଭାବେ କର୍ମକର୍ତ୍ତା ଚୟନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ପ୍ରଦୀପ କୁମାର ଦାଶଙ୍କୁ ସର୍ବସମ୍ମତିକ୍ରମେ ନିର୍ବାଚନ ଅଧିକାରୀ ଭାବେ ନୂତନ କର୍ମକର୍ତ୍ତା ଚୟନ ପାଇଁ ଦାୟିତ୍ୱ ଦିଆଯାଇଛି। ଧ୍ୱନିମତ ଅନୁଯାୟୀ ପ୍ରସନ୍ନ କୁମାର ପଟ୍ଟନାୟକ ସଭାପତି, ସତ୍ୟସ୍ୱରୂପ ଦାସ ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। ଅଥୟ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବୈଠକରେ ଜିଲାର ୧୭୬ଜଣ ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଦିବଂଗତ ସଦସ୍ୟଙ୍କ ଅମରାତ୍ମାର ସଦ୍‌ଗତି କାମନା କରାଯାଇଥିଲା।

### ମାଗୁଡ଼ିପକୁ ହରାଇ ଖମାର ଚାମ୍ପିୟନ

**ଛେଣ୍ଡିପଦା,୨୯।୧(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ କଣଲୋଇ ପଞ୍ଚାୟତ ମାଗୁଡିପ ଖେଳ ପଡିଆରେ ଚାଲିଥିବା ମାଗୁଡିପ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ମାଗୁଡିପ ଦଳକୁ ହରାଇ ଖମାର ଦଳ ଚାମ୍ପିୟନ ହୋଇଛି। ପ୍ରଥମେ ଖମାର ଟିମ୍ ବ୍ୟାଟିଂ କରି ୮୬ ରନ୍ କରିଥିଲା। ଜବାବରେ ମାଗୁଡିପ ୭୦ ରନ୍ କରି ପରାସ୍ତ ହୋଇଥିଲା। କଣଲୋଇ ସମିତିସଭ୍ୟ କୃଷ୍ଣ ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ।

# ମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ଭାଜପା




ଧାରଣାରେ ବସିଥିବା ଭାଜପା କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୨୯।୧**

ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ଇସ୍ତଫା ଦାବି କରିଛି ଢେଙ୍କାନାଳ ଜିଲା ଭାଜପା। ଏହାର ପ୍ରତିବାଦରେ ଶୁକ୍ରବାର ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଦଳୀୟ କାର୍ଯ୍ୟକର୍ତ୍ତାମାନେ ଧାରଣା ଦେଇଥିଲେ।

କାମାକ୍ଷାନଗର କଲେଜରେ ବ୍ୟାପକ ଦୁର୍ନୀତି ହୋଇଛି। ମନ୍ତ୍ରୀଙ୍କ ଅଧାପିକା ବୋହୂ ୨୦୧୬ରୁ ୨୦୧୮ ମଧ୍ୟରେ କଲେଜ ନ ଆସି ଦରମା ଉଠାଇଛନ୍ତି। ଏସବୁ ଅନିୟମିତତାକୁ ନେଇ ରୁଜୁ ହୋଇଥିବା ମାମଲା ଲୋକାୟୁକ୍ତଙ୍କ ବିଚାରାଧୀନ ରହିଛି। ଲୋକାୟୁକ୍ତ ସମସ୍ତ ପକ୍ଷଙ୍କୁ ଜବାବ ତଲବ କରିବା ସହ ୨ମାସ ଭିତରେ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀଙ୍କ ଜାଣତର ଏସବୁ ଦୁର୍ନୀତି ହୋଇଛି। ତେଣୁ ନୈତିକତା ଦୃଷ୍ଟିରୁ ସେ ଇସ୍ତଫା ଦିଅନ୍ତୁ ବୋଲି ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର ଦାବି କରିଥିଲେ। ଧାରଣାରେ ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, କୃଷ୍ଣଚନ୍ଦ୍ର ପାତ୍ର, ଶତ୍ରୁଘ୍ନ ଜେନା, ନିରୋଜ ନଳିନୀ ମହାଲିକ, ନବକିଶୋର ଗୁରୁ, ପବିତ୍ର ବିଶ୍ୱାଳ, ସୁନୀଲ ଶର୍ମା, ପ୍ରେମାନନ୍ଦ ଜେନା, ମମତା ସ୍ୱାଇଁ, ମାତୃପ୍ରସାଦ ନନ୍ଦ ପ୍ରମୁଖ ସାମିଲ ହୋଇଥିଲେ। ଏ ସଂକ୍ରାନ୍ତରେ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି କରାଯାଇଛି। ସେହିପରି ଦଳର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ୨ କୋଟି ୭୩ ଲକ୍ଷ ଟଙ୍କା ଋଣ ପ୍ରଦାନ

**କଣିହାଁ,୨୯।୧(ଡି.ଏନ.ଏ.)**

କଣିହାଁ ବ୍ଲକ ପବିତ୍ରମୋହନ ସଭାଗୃହରେ ଶୁକ୍ରବାର ବ୍ଲକସ୍ତରୀୟ ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ମହିଳା ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକର ଅର୍ଥନୈତିକ ସମୃଦ୍ଧି ସହିତ ଆତ୍ମନିର୍ଭରଶୀଳ ଲକ୍ଷ୍ୟ ଉଦ୍ଦେଶ୍ୟରେ ୧୦ଟି ବ୍ୟାଙ୍କ ତରଫରୁ ବ୍ଲକର ୧୯୧ ସ୍ୱୟଂ ସହାୟକ ଗୋଷ୍ଠୀକୁ ୨ କୋଟି ୭୩ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। ରାଜ୍ୟ ଜୀବିକା ମିଶନ ଓ ମିଶନ ଶକ୍ତିର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଫ୍‌ଆଇସି ହେମନ୍ତ ପାଣିଗ୍ରାହୀ, ବିପିଏମ ଡ. ବିଶ୍ୱଭୂଷଣ କର, ବିପିଏଲ ଅଜିତ୍ ପାଣିଗ୍ରାହୀ, ବିଏଲ୍‌ସି ଶ୍ରୀପତି ଭୂତିଆ ପ୍ରମୁଖ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

# ପ୍ଲାଣ୍ଟ ଚାଲୁ କରିବା ଦାବି

- ଜିଏମ୍ କମ୍ପାନୀ ଆଗରେ ଶ୍ରମିକଙ୍କ ଧାରଣା
- ପ୍ରଦୂଷଣ ନିୟନ୍ତ୍ରଣ କରି ତୁରନ୍ତ କାର୍ଯ୍ୟକ୍ଷମ କର

**ପରଜଙ୍ଗ, ୨୯।୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁଲେଇସ୍ଥିତ ଜିଏମ୍ ଆଇରନ୍ ପ୍ଲାଣ୍ଟକୁ ପୁଣିଥରେ ଚାଲୁ କରିବା ଦାବି ଜୋର୍ ଧରିଛି। ପ୍ରଦୂଷଣ ନିୟନ୍ତ୍ରଣ ସହ କମ୍ପାନୀ କାର୍ଯ୍ୟକ୍ଷମ କରିବା ଦାବିରେ ଶୁକ୍ରବାର ୭ ପଞ୍ଚାୟତର ଶତାଧିକ ଶ୍ରମିକ ଧାରଣା ଦେଇଥିଲେ।

ସୂଚନାଯୋଗ୍ୟ, ଦୀର୍ଘବର୍ଷ ବନ୍ଦ ରହିବା ପରେ ଜିଏମ୍ ଆଇରନ ପ୍ଲାଣ୍ଟ ବର୍ଷେ ହେଲା କାର୍ଯ୍ୟକ୍ଷମ ହୋଇଥିଲା। ତେବେ କମ୍ପାନୀରୁ ବାହାରୁଥିବା ଧୂଆଁରେ ଅଞ୍ଚଳବାସୀ ଅସ୍ତବ୍ୟସ୍ତ ହୋଇପଡ଼ିଥିଲେ। ଏହାକୁ ନେଇ ପ୍ରତିବାଦର ସ୍ୱର ଉଠିବା ପରେ ପ୍ଲାଣ୍ଟ ବନ୍ଦ କରିଦିଆଯାଇଛି। ଫଳରେ ସେଠାରେ କାର୍ଯ୍ୟରତ ଶ୍ରମିକମାନେ ସମସ୍ୟାରେ ପଡ଼ିଛନ୍ତି। ତେଣୁ ପ୍ରଦୂଷଣ ନିୟନ୍ତ୍ରଣ କରି କମ୍ପାନୀ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସେମାନେ ଦାବି କରିଛନ୍ତି। ଏହା ନ ହେଲେ ଜନଆନ୍ଦୋଳନ ତୀବ୍ର କରାଯିବ ବୋଲି ଶ୍ରମିକମାନେ ଚେତାବନୀ ଦେଇଛନ୍ତି। ଦାବିକୁ ସମର୍ଥନ ଜଣାଇ ବ୍ଲକ ଅଧ୍ୟକ୍ଷ ଅକ୍ଷୟ କୁମାର ବେହେରା ଧାରଣାରେ ବସିଥିଲେ। ପୋଲିସ ଏବଂ ପ୍ଲାଣ୍ଟ କର୍ତ୍ତୃପକ୍ଷ ପହଞ୍ଚି ଧାରଣାରତ ଶ୍ରମିକଙ୍କୁ ବୁଝାଶୁଝା କରିଥିଲେ। ଶୀଘ୍ର ସମସ୍ୟା ସମାଧାନ କରି ପ୍ଲାଣ୍ଟ ଚାଲୁ କରିବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।




ଧାରଣାରତ ଶ୍ରମିକମାନେ।

## ସଂକ୍ଷେପରେ

### ଡକାୟତି ଯୋଜନା ପଣ୍ଡ, ୩ ଗିରଫ

**ଅନୁଗୋଳ ଅଫିସ, ୨୯।୧:** ଅନୁଗୋଳ ପୋଲିସ ଏକ ଡକାୟତି ଯୋଜନାକୁ ପଣ୍ଡ କରିବା ସହ ସହର ଉପକଣ୍ଠ ତୁରଙ୍ଗ ଫୁଟବଲ ପଡ଼ିଆରୁ ୩ଜଣଙ୍କୁ ଗିରଫ କରିଛି। ଏକ ଗ୍ୟାଙ୍ଗ ପକ୍ଷରୁ ଗୁରୁବାର ବିଳମ୍ବିତ ରାତିରେ ଡକାୟତି ପାଇଁ ଯୋଜନା କରାଯାଉଥିବା ପାଟ୍ରୋଲିଂ ବେଳେ ଏସ୍ଆଇ ଗୋଲବର୍ଦ୍ଧନ ମାଝିଙ୍କୁ ସୂଚନା ମିଳିଥିଲା। ଫଳରେ ପଡ଼ିଆରେ ବସିଥିବା ଦୁର୍ବୃତ୍ତଙ୍କ ଉପରେ ପୋଲିସ ଚଡ଼ାଉ କରିଥିଲା। ଏହି ସମୟରେ ଅନୁଗୋଳ ଥାନା ମିଶ୍ରପଡ଼ାର ଆଶିଷ କୁମାର ନାୟକ, ହାକିମପଡ଼ାର ଅମିତ କୁମାର ନାଏକ ଓ ତୁରଙ୍ଗ ଗ୍ରାମର ସୋମେଶ ଦାସଙ୍କୁ ଥାନାକୁ ଅଣାଯାଇ ପଚରାଉଚରା ପରେ ଗିରଫ କରାଯାଇଥିଲା। ଏ ସଂକ୍ରାନ୍ତରେ ନଂ. ୫୯/୨୦ରେ ମାମଲା ରୁଜୁ ପରେ ତଦନ୍ତକାରୀ ଅଧିକାରୀ ତଥା ଏସ୍ଆଇ ଯମୁନା ମାରାଣ୍ଡି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଛନ୍ତି। ଘଟଣାସ୍ଥଳରୁ ଅନ୍ୟ ୪ ଜଣ ଫେରାର ହୋଇଯାଇଛନ୍ତି।

### ଶଙ୍ଖମୁରରେ ପୁଷ୍ଟି ମହୋତ୍ସବ

**ଖମାର,୨୯।୧:** ପାଲଲହଡ଼ା ବ୍ଲକ ଶଙ୍ଖମୁର ପଞ୍ଚାୟତରେ ପୁଷ୍ଟି ମହୋତ୍ସବ ପାଳିତ ହୋଇଯାଇଛି। ଅଞ୍ଚଳର ସମସ୍ତ ପ୍ରସୂତି, ଗର୍ଭବତୀ, କିଶୋରୀମାନଙ୍କୁ ପୁଷ୍ଟିକର ଖାଦ୍ୟ ଖାଇବା ଓ ସ୍ୱାସ୍ଥ୍ୟ ଠିକ୍ ରଖିବା ପାଇଁ ସଚେତନ କରିବା ଉଦ୍ଦେଶ୍ୟରେ ଓଡ଼ିଶା ମିଶନ ଶକ୍ତି ତରଫରୁ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ମୁଖ୍ୟଅତିଥି ଭାବେ ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ, ଅଙ୍ଗନୱାଡି କର୍ମୀ ଗୀତାଞ୍ଜଳି ବେହେରା, ରୁନୁବାଳା ବେହେରା, ମାୟା ବେହେରା, ରିନାରାଣୀ ମହାରଣା, ଗୀତାଞ୍ଜଳି ସାହୁ, ସନ୍ତୋଷିନୀ ମିଶ୍ର, ବୀଣାପାଣି ସାହୁ, ସଂଯୁକ୍ତା ନାୟକ, ଜ୍ୟୋତ୍ସ୍ନାରାଣୀ ବେହେରା, ସାବିତ୍ରୀ ମହାକୁଳ, ବିନୋଦିନୀ ବେହେରା, ବାସନ୍ତୀ ପ୍ରଧାନ, ସାରି ଗଡ଼ନାୟକ ପ୍ରମୁଖ ଯୋଗଦେଇଥିଲେ।

### ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ଆଠମଲ୍ଲିକ,୨୯।୧(ଡି.ଏନ.ଏ.):** ଆଠମଲ୍ଲିକ ସହର ୪ ନମ୍ବର ୱାର୍ଡ ରାଜବାଟୀ ସାହିର ବିଷ୍ଣୁ ବେହେରା (୬୦)ଙ୍କ ଶୁକ୍ରବାର ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ପୋଲିସ କହିଛି, ବିଷ୍ଣୁ ଟାଙ୍ଗିଆନିଶା ପୋଖରୀକୁ ମଧ୍ୟାହ୍ନରେ ଗାଧୋଇ ଯାଇ ଫେରି ନ ଥିଲେ। ଘରଲୋକେ ପୋଖରୀ ନିକଟକୁ ଯାଇ ଖୋଜାଖୋଜି କରିବା ସହ ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପୋଖରୀରୁ ବିଷ୍ଣୁଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ଥାନାରେ ନଂ. ୧/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### କ୍ଷତିପୂରଣ ଦାବିରେ ଧାରଣା

**ବଣ୍ଟାଁରପାଳ,୨୯।୧(ଡି.ଏନ.ଏ.):** ବଣ୍ଟାଁରପାଳ ଥାନା ଗୋତମରାର ଏକ ଗ୍ୟାରେଜରେ ୪ ବର୍ଷ ହେଲା କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ଫଗୁଆ ମହାରଣାଙ୍କ ଗୁରୁବାର ମୃତ୍ୟୁ ହୋଇଥିବା ବେଳେ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ନେଇ ଫଗୁଆଙ୍କ ସ୍ତ୍ରୀ ସୁଜାତା ଥାନାରେ ଅଭିଯୋଗ କରିଥିଲେ। ତେବେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇଦେବା ଦାବିରେ ସ୍ଥାନୀୟ ଲୋକେ ଶୁକ୍ରବାର ଦୀର୍ଘ ୪ ଘଣ୍ଟା ଧରି ବଣ୍ଟାଁରପାଳ ଥାନା ସମ୍ମୁଖରେ ମୃତଦେହ ରଖି ଆନ୍ଦୋଳନ କରିଥିଲେ। ପୋଲିସ ବୁଝାଶୁଝା କରିବା ସହ ଉପଯୁକ୍ତ କ୍ଷତିପୂରଣ ଦିଆଯିବା ପରେ ଆନ୍ଦୋଳନ ହଟିଥିଲା। ଏ ସମ୍ପର୍କରେ ନଂ. ୩୯ / ୨୦୨୧ରେ ମାମଲା ରୁଜୁ ସହ ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ଘରୁ ତଡ଼ିଦେବା ଅଭିଯୋଗ

**କଣିହାଁ,୨୯।୧(ଡି.ଏନ.ଏ.):** କଣିହାଁ ବ୍ଲକ ସମଲ ଥାନା ଅଞ୍ଚଳର ଜଣେ ଯୁବକ ପରଜଙ୍ଗ ଥାନା ଅଞ୍ଚଳର ଜନୈକା ଯୁବତୀଙ୍କୁ ମନ୍ଦିରରେ ବିବାହ କରି ଘରକୁ ନେଇଥିଲେ ହେଁ ପରେ ତାଙ୍କ ମା' ବାପା ଯୁବତୀଙ୍କୁ ଘରୁ ତଡ଼ି ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଯୁବତୀ ଜଣକ ଅଭିଯୋଗରେ ଦର୍ଶାଇଛନ୍ତି, ମାସେତଳେ ମନ୍ଦିରରେ ତାଙ୍କର ବିବାହ ହୋଇଥିଲା। ପରେ ସ୍ୱାମୀଙ୍କ ସହ ସେ ଶାଶୁଘରକୁ ଯାଇଥିଲେ। କିନ୍ତୁ ସ୍ୱାମୀଙ୍କ ଅନୁପସ୍ଥିତିରେ ଶାଶୁ ଶ୍ୱଶୁର ତାଙ୍କୁ ମାଡମାରି ଘରୁ ବାହାର କରିଦେଇଛନ୍ତି। ଏ ନେଇ ସମଲ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଏସ୍ଆଇ ରଞ୍ଜୀତା ସାହୁ କହିଛନ୍ତି।

# କିନ୍ନରଙ୍କ ହାତକୁ କାମ

**ଅନୁଗୋଳ ଅଫିସ, ୨୯।୧**


ଅଳିଆ ଉଠାଇବାକୁ ଆସିଥିବା ବ୍ୟାଟେରି ଚାଳିତ ଗାଡ଼ି।

- ବ୍ୟାଟେରୀ ଚାଳିତ ଗାଡ଼ିରେ କରିବେ ଅଳିଆ ସଂଗ୍ରହ
- ଇ-ଟଏଲେଟ୍ ରକ୍ଷଣାବେକ୍ଷଣ ସହ କରିବେ ମାଛ ଚାଷ
- ପୌରପାଳିକା ପକ୍ଷରୁ ଦିଆଯାଉଛି ପ୍ରଶିକ୍ଷଣ

ସହର ସଫେଇ ସହଜ ହେବ। ଟଲି ବଦଳରେ ବ୍ୟାଟେରି ଚାଳିତ ଗାଡ଼ିରେ ସହରରୁ ଅଳିଆ ଉଠିବ। ଆଉ ଘର ଘର ବୁଲି ଏହି ଆବର୍ଜନା ସଂଗ୍ରହ କରିବେ କେତେଜଣ କିନ୍ନର। କେବଳ ଏତିକି ନୁହେଁ, ଇ-ଟଏଲେଟ୍ର ରକ୍ଷଣାବେକ୍ଷଣ ସହ ଫିକଲ ସ୍ଲଜ ଟ୍ରିଟ୍ମେଣ୍ଟ ପ୍ଲାଣ୍ଟ(ଏଫ୍ଏସ୍ଟିପି)ରେ ହେବାକୁ ଥିବା ମତ୍ସ୍ୟଚାଷ ମଧ୍ୟ କିନ୍ନର କରିବେ। କିନ୍ନରମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ଅନୁଗୋଳ ପୌରପାଳିକା ପକ୍ଷରୁ ଏପରି ଯୋଜନା କରାଯାଇଥିବା ବେଳେ ପ୍ରଶିକ୍ଷଣ ମଧ୍ୟ ପ୍ରଦାନ କରାଯାଉଥିବା ସୂଚନା ମିଳିଛି।

ଅନୁଗୋଳ ପୌରପାଳିକାରେ ଥିବା ୨୩ଟି ୱାର୍ଡରୁ କିନ୍ନରମାନେ ଅଳିଆ ଉଠାଇବେ। ଏଥିପାଇଁ ପ୍ରାଥମିକ ପର୍ଯ୍ୟାୟରେ ୪ଟି ବ୍ୟାଟେରି ଚାଳିତ ଗାଡ଼ି ଅଣାଯାଇଛି। ଆଗାମୀ ଦିନରେ ଆଉ ୪ଟି ଗାଡ଼ି ଆସିବାର ଯୋଜନା ରହିଛି। ଉକ୍ତ ଗାଡ଼ିରେ ଘର ଘର ବୁଲି ଅଳିଆ ସଂଗ୍ରହ କରାଯିବ। ପ୍ରତ୍ୟେକ ଗାଡ଼ିରେ ଜଣେ ଚାଳକ ଓ ଜଣେ ହେଲପରଙ୍କୁ ନିଯୁକ୍ତି ପ୍ରଦାନ କରାଯିବ। ଜିପିଏସ୍ ସିଷ୍ଟମ ଲଗାଯାଇ ରୁଟ୍ ମ୍ୟାପ୍ ପ୍ରଦାନ କରାଯିବ। କେଉଁ ଗାଡ଼ି କେଉଁ ଅଞ୍ଚଳକୁ ଯିବ, ତାହାର ସମ୍ପୂର୍ଣ୍ଣ ବିବରଣୀ ପୌରପାଳିକା ନିକଟରେ ରହିବ। ଏହାର ପରିଚାଳନା କରିବାକୁ ପୌର କାର୍ଯ୍ୟାଳୟରେ ଏକ ସେଲ୍ ଗଢ଼ାଯିବ। ଦୈନିକ ସକାଳୁ ସହରବାସୀ ଓଦା ଓ ଶୁଖିଲା ଅଳିଆକୁ ପୃଥକ ପୃଥକ୍ ଭାବେ ଗାଡ଼ିରେ ପ୍ରଦାନ କରିବେ। ସହରର ସୌନ୍ଦର୍ଯ୍ୟକରଣ ପାଇଁ ଏଭଳି ଅଭିନବ ପଦକ୍ଷେପ ଗ୍ରହଣ କରାଯାଉଛି। ସେହିପରି ମେଡିକାଲ ଛକରେ ଖୋଲାହେବାକୁ ଥିବା ଇ-ଟଏଲେଟ୍ ପରିଚାଳନା ଦାୟିତ୍ୱ ମଧ୍ୟ କିନ୍ନରଙ୍କ ହାତରେ ରହିବ। ଏହି ଟଏଲେଟ୍ ନିକଟରେ କିନ୍ନରମାନଙ୍କ ପକ୍ଷରୁ ଏକ ଛୋଟ ଦୋକାନ ନିର୍ମାଣ କରିବାକୁ ପୌରପାଳିକାକୁ ପ୍ରସ୍ତାବ ଦିଆଯାଇଛି। ସେହିପରି ସହରର ମଳ ପଞ୍ଚମହଲାରେ ନିର୍ମାଣ ହୋଇଥିବା ଏଫ୍ଏସ୍ଟିପିରେ ପଡୁଛି। ସେଠାରେ ଥିବା ପୋଖରୀରେ ମାଛ ଚାଷ କରାଯିବ ବୋଲି ପୌରପାଳିକା ପକ୍ଷରୁ ଯୋଜନା ରହିଛି। ଏହି ମାଛ ଚାଷରେ କିନ୍ନରମାନେ ନିୟୋଜିତ ହେବେ। ଏଥିପାଇଁ ସହରର ୧୦ ଜଣ କିନ୍ନରଙ୍କୁ ନେଇ ସପ୍ତରଙ୍ଗ ସ୍ୱୟଂ ସହାୟକ ଗୋଷ୍ଠୀ ଗଢ଼ାହୋଇଛି। ସେମାନଙ୍କ ନାମରେ ବ୍ୟାଙ୍କରେ ପାସ୍ବୁକ୍ ଖୋଲା ସରିଛି। ଗାଡ଼ି ଚଳାଇବା ପାଇଁ ଡ୍ରାଇଭିଂ ପ୍ରଶିକ୍ଷଣ ମଧ୍ୟ ପ୍ରଦାନ କରାଯାଉଛି। କିନ୍ନରମାନଙ୍କୁ ସ୍ୱାବଲମ୍ବୀ କରିବାକୁ ପୌର ପ୍ରଶାସନର ଏପରି ଯୋଜନାକୁ ସହରବାସୀ ପ୍ରଶଂସା କରିଛନ୍ତି।

### ୮ଟି ଗାଡ଼ିରେ ଅଳିଆ ଉଠାଯିବ



ବ୍ୟାଟେରି ଚାଳିତ ଗାଡ଼ିରେ ଅଳିଆ ଉଠାଯିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ବର୍ତ୍ତମାନ ଚାରୋଟି ଗାଡ଼ି ପୌରପାଳିକାରେ ରହିଛି। କିନ୍ନରମାନେ ଏହି ଗାଡ଼ି ନେଇ ଅଳିଆ ଉଠାଇବା ସହ ଅନ୍ୟାନ୍ୟ କାର୍ଯ୍ୟ କରିବେ। ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ୪ଟି ଗାଡ଼ି ସହରକୁ ଆସିବ। ଏହାଦ୍ୱାରା ୨୩ଟି ୱାର୍ଡରୁ ଅଳିଆ ଉଠାଯିବ ସହଜ ହେବ।

**-ଗିରିଜା ଶଙ୍କର ମଲ୍ଲିକ, ପୌର ନିର୍ବାହୀ ଅଧିକାରୀ, ଅନୁଗୋଳ**

### ଆଉ ଟାହିଟାପରା ଶୁଣିବାକୁ ପଡ଼ିବ ନାହିଁ



ଅନୁଗୋଳର କିନ୍ନରମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ପୌରପ୍ରଶାସନର ଏହି ଉଦ୍ୟମ ପ୍ରଶଂସନୀୟ। ଏଥିପାଇଁ ସପ୍ତରଙ୍ଗ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଶାସନ ନିକଟରେ କୃତଜ୍ଞ। କିନ୍ନରମାନଙ୍କ ପ୍ରତି ସମାଜରେ ଥିବା ଖରାପ ଚିନ୍ତାଧାରା ଏହାଦ୍ୱାରା ଦୂର ହେବ। ସ୍ୱାଭିମାନର ସହ କାର୍ଯ୍ୟ କରିବାରୁ ସେମାନଙ୍କୁ ଆଉ ଟାହିଟାପରା ଶୁଣିବାକୁ ପଡ଼ିବ ନାହିଁ।

**-ଭାନୁପ୍ରିୟା ସାମଲ, ସୁପରଭାଇଜର, ସପ୍ତରଙ୍ଗ ଏସ୍ଏଚ୍ଜି**

### ସ୍ୱାଗତଯୋଗ୍ୟ ପଦକ୍ଷେପ



କିନ୍ନରମାନଙ୍କ ପାଇଁ କର୍ମ ନିୟୋଜନ ସୃଷ୍ଟି କରାଯିବା ନିଶ୍ଚିତ ଏକ ଭଲ ପଦକ୍ଷେପ। ସେମାନେ ଘର ଘର ବୁଲି ଅଳିଆ ସଂଗ୍ରହ କଲେ ସହରବାସୀଙ୍କୁ ଆଉ ଏଥିପାଇଁ ହଇରାଣ ହେବାକୁ ପଡ଼ିବ ନାହିଁ। ଠିକ୍ ସମୟରେ ଗାଡ଼ି ନେଇ ଘର ଦୁଆରୁ ଅଳିଆ ଅଣାଯିବା କାର୍ଯ୍ୟ ଭଲ ଭାବେ ପରିଚାଳନା ହେବା ଦରକାର। ଏହାଦ୍ୱାରା ସହର ଅଧିକ ପରଷ୍କାର ରହିବ।

**-ରଞ୍ଜନ ବାରିକ, ଅନୁଗୋଳ**

### ଗାଡ଼ି ଚାଳନା ପ୍ରଶିକ୍ଷଣ ଆରମ୍ଭ ହେଲାଣି



ପୌରପ୍ରଶାସନ କିନ୍ନରମାନଙ୍କୁ ପ୍ରାଧାନ୍ୟ ଦେଉଥିବାରୁ ଧନ୍ୟବାଦ। ସପ୍ତରଙ୍ଗ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଯେଉଁମାନେ ବ୍ୟାଟେରି ଚାଳିତ ଗାଡ଼ି ଚଳାଇବେ, ଇ-ଟଏଲେଟ୍ ପରିଚାଳନା ଓ ମାଛ ଚାଷ କରିବେ ସେମାନଙ୍କୁ ଉକ୍ତ କାର୍ଯ୍ୟ ସମ୍ପର୍କିତ ତାଲିମ ଦିଆଯାଉଛି। ଏହାକୁ ନେଇ କିନ୍ନରମାନେ ବେଶ୍ ଖୁସି ଅଛନ୍ତି।

**-ସୁହାନୀ ଦେହୁରୀ, ସଭାପତି, ସପ୍ତରଙ୍ଗ ଏସ୍ଏଚ୍ଜି**

## ଉତ୍ତରାଞ୍ଚଳ ଦାୟିତ୍ୱରେ ଅନିଲ ସାମଲ


ଆର୍ଡିସି ଅନିଲ ସାମଲ।

**ଅନୁଗୋଳ ଅଫିସ, ୨୯।୧**

କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଥିବା ଅନିଲ କୁମାର ସାମଲ ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଭାବେ ଅତିରିକ୍ତ ଦାୟିତ୍ୱରେ ରହିବେ। ଚଳିତ ମାସରେ ରାଜସ୍ୱ କମିଶନର ନିରଞ୍ଜନ ସାହୁ ଅବସର ନେଉଥିବାରୁ ସାମଲଙ୍କୁ ଏହି ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଥିବା ସାମଲ ତାଙ୍କର ଦୀର୍ଘ ଦିନର ଅନୁଭୂତି ଓ ଦକ୍ଷତା ବଳରେ ୨ଟି ରାଜସ୍ୱ ଡିଭିଜନ ଅନ୍ତର୍ଗତ ୨୦ଟି ଜିଲାର ଦାୟିତ୍ୱ ବୁଝିବେ ବୋଲି ସୂଚନା ମିଳିଛି।

## ୪ ସଂକ୍ରମିତ, ୪ ସୁସ୍ଥ

**ଅନୁଗୋଳ ଅଫିସ, ୨୯।୧**

ଅନୁଗୋଳ ଜିଲାରୁ ଶୁକ୍ରବାର ୪ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୨ ହଜାର ୨୪୮ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ବଣ୍ଟାଁରପାଳ ବ୍ଲକ୍ରୁ ଜଣେ, ଅନୁଗୋଳ ବ୍ଲକରୁ ୨ ଓ ଛେଣ୍ଡିପଦା ବ୍ଲକ୍ରୁ ଜଣେ ରହିଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୪ ଜଣ କରୋନାରୁ ସୁସ୍ଥ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ଦାବି ପୂରଣ ନ ହେଲେ ୪ରୁ ଅନଶନ


ଶ୍ରମିକମାନେ ଧାରଣାରେ ସାମିଲ ହୋଇଛନ୍ତି।

**କଣିହାଁ,୨୯।୧(ଡି.ଏନ.ଏ.)**

ଏନ୍ଟିପିସି କଣିହାଁ ଉଦ୍ୟାନ ବିଭାଗରେ କାର୍ଯ୍ୟରତ କଣ୍ଟିଜେଣ୍ଟ ଠିକାଶ୍ରମିକମାନେ ପ୍ରକଳ୍ପ ମୁଖ୍ୟ ଫାଟକ ବାଇପାସ ଛକଠାରେ ଚଳାଇଥିବା ଧାରଣା ଶୁକ୍ରବାର ୫ମ ଦିନରେ ପହଞ୍ଚିଛି। କଣ୍ଟିଜେଣ୍ଟ ଶ୍ରମିକମାନଙ୍କୁ ସମସ୍ତ କାର୍ଯ୍ୟ ଦିବସରେ କାମରେ ନିଯୁକ୍ତି, ଜାତୀୟ ଓ ପର୍ବପର୍ବାଣୀ ଛୁଟି ଦିନର ମଜୁରି ଏବଂ କଣ୍ଟ୍ରାକ୍ଟ ସମୟସୀମା ସମାପ୍ତି ପରେ ରିଟ୍ରେଟ୍ମେଣ୍ଟ ବେନିଫିଟ ପ୍ରଦାନ କରିବା ଆଦି ୪ ଦଫା ଦାବିରେ ଶ୍ରମିକମାନେ ଆନ୍ଦୋଳନ ଚଳାଇଛନ୍ତି। ତେବେ କମ୍ପାନୀର କୌଣସି ଅଧିକାରୀ ଧାରଣାସ୍ଥଳକୁ ଆସି ନ ଥିବା ଜଣାପଡ଼ିଛି। ଦାବି ପୂରଣ ନ ହେଲେ ଫେବୃୟାରୀ ୪ ତାରିଖରୁ ଶ୍ରମିକମାନେ ଅନଶନରେ ବସିବେ ବୋଲି ଏନ୍ଟିପିସି ଟାଉନ ଥାନା ଅଧିକାରିଣୀ, ତାଳଚେର ଉପଜିଲାପାଳ, ଏନଟିପିସି ଏଚ୍ଆର୍ ଓ ୟୁପିଏଲଆର ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ ସଭାପତି ଜୟସେନ ମେହେର, ସାଧାରଣ ସମ୍ପାଦକ ପ୍ରହ୍ଲାଦ ଚନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକ ଟୁନା ନାଏକ, ଅଭୟ ନାଏକଙ୍କ ସମେତ ଅନ୍ୟାନ୍ୟ ବିଭାଗର ଶ୍ରମିକମାନେ ଧାରଣାରେ ସାମିଲ ଥିଲେ।

## ମହିଳାଙ୍କୁ ହତ୍ୟା ଅଭିଯୋଗ

**କଣିହାଁ,୨୯।୧(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ଥାନା ଘଣ୍ଟିଆନାଳି ଗ୍ରାମର ଜଣେ ମହିଳାଙ୍କୁ ତାଙ୍କ ଶାଶୁଘର ଲୋକେ ହତ୍ୟା କରିଥିବା ବାପଘର ପକ୍ଷରୁ ଅଭିଯୋଗ କରାଯାଇଛି। କଣିହାଁ ପୋଲିସ ସହ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ବିଡିଓ ରମେଶ କୁମାର ଜେନା ଓ ଢେଙ୍କାନାଳ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଦେଇଛି। ମୃତ ମହିଳାଙ୍କ ବାପା ଶୂନ୍ୟବାସୀ ପ୍ରଧାନ ଅଭିଯୋଗରେ ଉଲ୍ଲେଖ କରିଛନ୍ତି, ତାଙ୍କ ଝିଅ ଲିକି ପ୍ରଧାନ(୨୪)ଙ୍କୁ ବିଭିନ୍ନ ସମୟରେ ଶ୍ୱଶୁର ଓ ଦିଅର ନିର୍ଯାତନା ଦେଇଆସୁଥିଲେ। ଗୁରୁବାର ରାତିରେ ଲିକି ଆତ୍ମହତ୍ୟା କରିଥିବା ଶାଶୁଘର ପକ୍ଷରୁ ଖବର ଦିଆଯାଇଥିଲା। ତେବେ ତାଙ୍କ ଝିଅଙ୍କୁ ହତ୍ୟା କରାଯାଇଥିବା ଶୂନ୍ୟବାସୀ ଏତଲାରେ ଦର୍ଶାଇଛନ୍ତି। କଣିହାଁ ପୋଲିସ ନଂ. ୩୩/୨୦୨୧ରେ ମାମଲା ରୁଜୁ କରି ଶ୍ୱଶୁର ଓ ଦିଅରଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଆଇଆଇଆସି ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ପ୍ରକାଶ କରିଛନ୍ତି।

## ମାର୍କେଟ କମ୍ପ୍ଲେକ୍ସ, ଶୌଚାଳୟ ଭିତ୍ତିପ୍ରସ୍ତର

**ଖମାର,୨୯।୧**

ପାଲଲହଡ଼ା ଉପଖଣ୍ଡ ଖମାର ବଜାରଠାରେ ଏକ ମାର୍କେଟ କମ୍ପ୍ଲେକ୍ସ ଓ ଶୌଚାଳୟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଖମାର ସରପଞ୍ଚ ସସ୍ମିତା ସାହୁଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ବିଧାୟକ ମୁକେଶ କୁମାର ପାଲ ଯୋଗଦେଇ ଏହି କାର୍ଯ୍ୟ ସମ୍ପନ୍ନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନବକିଶୋର ନାୟକ, ଖମାର ଥାନା ଅଧିକାରୀ ନିରୋଦ କୁମାର ଦାସ, ଖମାର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ବେହେରା, ନାଏବ ସରପଞ୍ଚ ସଞ୍ଜୟ କୁମାର ବିଶ୍ୱାଳ, ବ୍ଲକ ଉପାଧ୍ୟକ୍ଷା ଲିଲି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଦୀର୍ଘବର୍ଷ ପରେ ଦାବି ପୂରଣ ଦିଗରେ ପଦକ୍ଷେପ ନିଆଯାଉଥିବାରୁ ଅଞ୍ଚଳବାସୀ ଖୁସି ପ୍ରକଟ କରିଛନ୍ତି। ସେହିପରି ଖମାର ଅଞ୍ଚଳର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ବିଧାୟକ ସାଧାରଣ ଜନତାଙ୍କ ସହଯୋଗ କାମନା କରିଥିଲେ।


ଉନ୍ନୟନ କାର୍ଯ୍ୟର ଭିତ୍ତିପ୍ରସ୍ତର ଅବସରରେ ବିଧାୟକଙ୍କ ସହ ଅନ୍ୟମାନେ।

# ଉନ୍ନୟନ କାର୍ଯ୍ୟ ତୁରନ୍ତ ସାର

**ଛେଣ୍ଡିପଦା,୨୯।୧(ସ୍ୱ.ପ୍ର.)**


ଛେଣ୍ଡିପଦା ଗସ୍ତ ଅବସରରେ ଜିଲାପାଳ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ପଚାରି ବୁଝୁଛନ୍ତି।

- ଜିଲାପାଳଙ୍କ ଛେଣ୍ଡିପଦା ଗସ୍ତ
- ବିଜ୍ଞାନ ପାର୍କ ସ୍ଥାନ ବୁଲି ଦେଖିଲେ
- ପଞ୍ଚାୟତ ପ୍ରତିନିଧିଙ୍କ ସହ ଆଲୋଚନା

ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଶୁକ୍ରବାର ଛେଣ୍ଡିପଦା ବ୍ଲକ ଗସ୍ତରେ ଆସି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ତଦାରଖ କରିଛନ୍ତି। ଜିଲାପାଳ ପ୍ରଥମେ ଛେଣ୍ଡିପଦା ସଦର ମହକୁମାରେ ପହଞ୍ଚି ବିଜ୍ଞାନ ପାର୍କର ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ପରେ ଉଷ୍ଣପ୍ରସ୍ରବଣ ସ୍ଥାନ ବଡବେରେଣା ଗ୍ରାମକୁ ଯାଇ ଆଶାନୁରୂପ କାର୍ଯ୍ୟ କରାଯାଉ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହାପରେ ଛେଣ୍ଡିପଦା ପଞ୍ଚାୟତ ଗୃହକୁ ଯାଇ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଚୁଡି ତିଆରି ସମ୍ପର୍କରେ ପଚାରି ବୁଝିଥିଲେ। ସେହିପରି ବାମନାଳୀ ରୁରାଲ ପାର୍କ ଓ ଶିମିଳିପାଳ ପଞ୍ଚାୟତରେ ଥିବା ପୁରିଆପାଟ ଠାକୁରାଣୀଙ୍କ ପୀଠସ୍ଥଳ ଦେଖିବା ସହିତ ବିକାଶ ନିମନ୍ତେ ପରାମର୍ଶ ଦେଇଥିଲେ। ଶେଷରେ ପାତ୍ରପଡାର ମା'ବାୟାଣୀଙ୍କ ପୀଠ ଗସ୍ତ କରି ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ତହସିଲଦାର ଡାନିଏଲ ଏକ୍କା, ବିଡିଓ ବିଶ୍ୱନାଥ ସାହୁ, ଯନ୍ତ୍ରୀ ରଞ୍ଜନ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଜିଲାପାଳ ଛେଣ୍ଡିପଦାର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଉପରେ ବ୍ଲକ ପ୍ରଶାସନ ଓ ପଞ୍ଚାୟତ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ସମସ୍ତ ସ୍ଥାନରେ ହେଉଥିବା କାର୍ଯ୍ୟକୁ ତୁରନ୍ତ ସମାପ୍ତ କରିବା ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଦିଲୀପ ବେହେରା, ରାକେଶ ନାଥ, ମାଛକୁଟା ପଞ୍ଚାୟତ ସମିତି ସଭ୍ୟ ଭଜମନ ଗଡନାୟକ, ଶରତ ଚନ୍ଦ୍ର ପ୍ରଧାନ, ନନ୍ଦିନୀ ପ୍ରଧାନ, ଅବସରପ୍ରାପ୍ତ ଅଧ୍ୟକ୍ଷ ଲୋକନାଥ ସାହୁ, ପାତ୍ରପଡା ସରପଞ୍ଚ ଯୋଗେଶ୍ୱର ସାହୁ, ବାସୁଦେବ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ଦୋଷୀଙ୍କୁ ଫାଶୀ ନ ମିଳିଲେ ଆତ୍ମାହୁତି

**ଅନୁଗୋଳ ଅଫିସ, ୨୯।୧**

**କାଙ୍ଗୁଲା ନାବାଳିକା ବଳାତ୍କାର ଓ ହତ୍ୟା ମାମଲା**

ଅନୁଗୋଳର ବହୁ ଚର୍ଚ୍ଚିତ କାଙ୍ଗୁଲା ନାବାଳିକା ବଳାତ୍କାର ଓ ହତ୍ୟା ମାମଲାରେ ଅନୁଗୋଳ ଅତିରିକ୍ତ ଦୌରାଜଜ୍ ଅଭିଯୁକ୍ତ ଅନାମ ଦେହୁରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଫାଶୀ ଦଣ୍ଡାଦେଶ ଦେଇଥିଲେ। ତେବେ ଉକ୍ତ ମାମଲାର ପୁନର୍ବାର ଶୁଣାଣି କରି ସାନି ରାୟ ପ୍ରକାଶ କରିବାକୁ ଗତ ଡିସେମ୍ବର ୨୩ ତାରିଖରେ ହାଇକୋର୍ଟ ଅନୁଗୋଳ ଅତିରିକ୍ତ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ଏହି ରାୟକୁ ନେଇ ମୃତା ନାବାଳିକାଙ୍କ ପରିବାର ପକ୍ଷରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ଅସନ୍ତୋଷ ପ୍ରକାଶ କରାଯାଇଛି। ଏହାଦ୍ୱାରା ଦୋଷୀ ଅନାମ ଦେହୁରୀ ମାମଲାରୁ ଖସିଯିବାର ଆଶଙ୍କାବ୍ୟକ୍ତ କରିବା ସହ ନ୍ୟାୟ ମିଳିବ ନାହିଁ ବୋଲି ପରିବାର ପକ୍ଷରୁ କୁହାଯାଇଛି। ପୂନର୍ବାର ବିଚାର ପରେ ଯଦି ଦୋଷୀଙ୍କୁ ଫାଶୀ ଦଣ୍ଡ ପ୍ରଦାନ କରା ନ ଯାଏ ତା'ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ମୃତ ନାବାଳିକାଙ୍କ ମା', ବାପା ଓ ମାମୁ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୧୯ ଜାନୁୟାରୀ ୧୯ରେ ବାପାଙ୍କ ଦୋକାନକୁ ଖାଇବାକୁ ନେଇ ଯାଉଥିବାବେଳେ ନାବାଳିକାଙ୍କୁ ଅଭିଯୁକ୍ତ ଅନାମ ବଳାତ୍କାର ପରେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଅନୁଗୋଳ ପୋଲିସ ତାଙ୍କୁ କୋଲକାତାରୁ ଗିରଫ ପରେ କୋର୍ଟଚାଲାଣ କରିଥିଲେ। ଅନୁଗୋଳ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ୨୦୧୯ ଜୁଲାଇ ୨୬ରେ ଅନାମଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଥିଲେ। ଏହି ରାୟକୁ ଚ୍ୟାଲେଞ୍ଜ କରି ଅଭିଯୁକ୍ତ ଅନାମ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।


ଖବରଦାତା ସମ୍ମିଳନୀରେ ମୃତ ନାବାଳିକାଙ୍କ ପରିବାର।

## ୪ ବଖରା ଜଳିଗଲା

**ଛେଣ୍ଡିପଦା/ ବଇଣ୍ଡା,୨୯।୧(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ କଣଲୋଇ ପଞ୍ଚାୟତ କର୍ଣ୍ଣପାଳ ଗ୍ରାମରେ ଗୁରୁବାର ଅଗ୍ନିକାଣ୍ଡ ଘଟି ଦ୍ୱାରୁ ମାଝିଙ୍କ ୨ ବଖରା ଜଳିଯାଇଛି। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ହୋଇଥିବାରୁ ଅଗ୍ନିବିପନ୍ନ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ସେହିପରି ଆଠମଲ୍ଲିକ ବ୍ଲକ ଠାକୁରଗଡ ପଞ୍ଚୟତ ଆନନ୍ଦପୁର ଗ୍ରାମରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ଜନମ ଭୋଇଙ୍କ ୨ ବଖରା ଜଳିଯାଇଛି। ଅଗ୍ନିକାଣ୍ଡ କିଭଳି ଘଟିଲା ତାହା ଜଣାପଡି ନ ଥିବାବେଳେ ରୋଷେଇରୁ ନିଆଁ ଲାଗିଥିବା ଗ୍ରାମବାସୀ କହିଛନ୍ତି। ଏଥିରେ ବହୁ ସମ୍ପତ୍ତି ଜଳି ଯାଇଥିବାବେଳେ ଆଠମଲ୍ଲିକ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତୁରନ୍ତ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

